vaishnavi
CORPORATE COMMUNICATIONS

| | | | |
|---|---|---|---|
| **Publication:** | Suryaprava | TCS | |
| **Edition:** | Bhubaneswar | | |
| **Date:** | 24, August 2011 | | |
| **Page:** | 13 | | |

TCS IT-Wiz Quiz 2011 on 6th Sept

# ସେପ୍ଟେମ୍ବର ୬ରେ ଟିସିଏସ୍‌ର ଆଇଟି-ଓ୍ୱିଜ୍ ୨୦୧୧

।। ପ୍ରଭାନ୍ୟୁଜ୍ ।।

ଭୁବନେଶ୍ୱର, ୨୩।୮ : ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ ପକ୍ଷରୁ ଟିସିଏସ୍ ଆଇଟି ଓ୍ୱିଜ୍ ପାଲ ହାଇଟସ୍‌ଠାରେ ଆସନ୍ତା ସେପ୍ଟେମ୍ବର ୦୬ରେ ଅନୁଷ୍ଠିତ ହେବ ।

ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏହି କୁଇଜ୍ ପ୍ରତିଯୋଗିତା ପାଇଁ ପ୍ରବେଶ ଶୁଳ୍କ ନଥିବାବେଳେ ୮ମରୁ ଦ୍ୱାଦା ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇପାରିବେ । ଭୁବନେଶ୍ୱର ପରି ସମଗ୍ର ଦେଶରେ ଟିସିଏସ୍ ଏପରି ୧୨ଟି ଜାଗାରେ ଆଇଟି କୁଇଜର ଆୟୋଜନ କରିବ । ହାଇଦ୍ରାବାଦ, ଅହମ୍ମଦାବାଦ, ବାଙ୍ଗାଲୋର, ଚେନ୍ନାଇ, କୋଇମ୍ବାଟୁର, ପୁନେ, କୋଲକାତା, ଭୁବନେଶ୍ୱର, କୋଚି, ଲକ୍ଷ୍ନୌ, ଦିଲ୍ଲୀ ଓ ମୁମ୍ବାଇଠାରେ ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକ ରାଉଣ୍ଡର ବିଜେତାମାନେ ଆସନ୍ତା ଡିସେମ୍ବରରେ ହେବାକୁ ଫାଇନାଲ ରାଉଣ୍ଡରେ ଭାଗ ନେବେ ।

TATA
TATA CONSULTANCY SERVICES

ବିଗତ ୧୨ ବର୍ଷ ଧରି ଟିସିଏସ୍‌ର ସାମାଜିକ ଅଙ୍ଗୀକାର ବଦ୍ଧତା କାର୍ଯ୍ୟକ୍ରମ ଭାବରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି ।

ଜୋନାଲ ବା ଆଞ୍ଚଳିକ ପ୍ରତିଯୋଗିତାର ବିଜେତାଙ୍କୁ ଟ୍ରଫି ସହ ଏକ ଗାଲାକ୍ସି ଟ୍ୟାବ୍ ଓ ଡିଜିଟାଲ କ୍ୟାମେରା ପୁରସ୍କାର ମିଳିବାକୁ ଥିବା ବେଳେ ଉପ ବିଜେତାଙ୍କୁ ଟ୍ରଫି ସହ ଆଇପଡ୍ ପ୍ରଦାନ କରାଯିବ । ଏହାବ୍ୟତୀତ ଜୋନାଲ ରାଉଣ୍ଡର ସମସ୍ତ ୬ଟି ଫାଇନାଲିଷ୍ଟଙ୍କ ପାଇଁ ଟ୍ରାଭେଲ ବ୍ୟାଗ, ହେଡ୍‌ଫୋନ୍, ସ୍ପିକର, ପେନ ଡ୍ରାଇଭ ଭଳି ଆକର୍ଷଣୀୟ ପୁରସ୍କାରର ବ୍ୟବସ୍ଥା ରହିଛି ।

ଆସନ୍ତା ସେପ୍ଟେମ୍ବର ୨ ତାରିଖପୂର୍ବରୁ ପ୍ରବେଶ ଦାଖଲ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନକୁ ସୂଚିତ କରାଯାଇଛି । www.tcsitwiz.com ରେ ମଧ୍ୟ ଅନଲାଇନ୍ ନାମ ପଞ୍ଜିକୃତ କରିହେବ ।